# Akashvani, Sambalpur

## SAMBALPURI NEWS EVENING BULLETIN

**22 June 2024- 7.02 pm- 7.12 pm.**

*********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ହାତୀବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ ଚତୁର୍ଦ୍ଧାମୂର୍ତି ।

୨- ରାଜ୍ୟର୍ ଅର୍ଥନୀତି ଆଉ ବିକାଶ୍ ପ୍ରସଙ୍ଗକେ ନେଇକରି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ।

୩- ଏନ୍‌ଟିଏ ଜରିଏ ପାରଦର୍ଶୀ, ସୁଗମ ଆଉ ସ୍ୱଚ୍ଛ ଭାବେ ପରୀକ୍ଷା କର୍‌ବାର୍ ଲାଗି କେନ୍ଦ୍ରସର୍‌କାର୍‌ଙ୍କର୍ ଉଚ୍ଚଶିକ୍ଷା ବିଭାଗ୍ ଗଠନ୍ କଲା ଉଚ୍ଚସ୍ତରୀୟ କମିଟି ।

ଆଉର୍

୪- ଜୁଲାଇ ୨୨ ତାରିଖ୍‌ନୁ ମୁଲ୍ ହେବା ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ।

ଦେବସ୍ନାନ ପୂର୍ଣ୍ଣିମା  ଆର୍ଏନ୍ୟୁ/

କଟକ୍/ସୋନ୍ପୁର୍/ବୌଦ୍ଧ/ନୂଆପଡ଼ା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବ୍ସରେ ଚତୁର୍ଦ୍ଧାମୂର୍ତିଙ୍କୁ ସ୍ନାନବେଦୀ ନ ହାତୀ ବେଶ କରାଯାଇଛେ । ଇ ବେଶ ଦେଖ୍ବାର୍ ଲାଗି ଭକ୍ତମାନ୍କର୍ ବହୁତ୍ ଭିଡ୍ ହେଇଛେ । ଆଉ କିଛି ସମିଆ ଉତ୍ରୁ ସାହାଣ ମେଳାଥି଼ ଚତୁର୍ଦ୍ଧାମୂର୍ତି ହାତୀବେଶଥି଼ ଭକ୍ତମାନ୍କୁ ଦର୍ଶନ୍ ଦେବେ । ରାତି ସାଢ଼େ ୧୧ ବଜେନୁ ରାତି ୨ ବଜେ ଭିତ୍ରେ ବାହୁଡ଼ା ପହଣ୍ଡି କରାଯିବା । ଆଏଜ୍ ସଖାଳର୍ ୫ ବଜେ ମଙ୍ଗଳାର୍ପଣ୍ ଉତ୍ରୁ ଧାଡ଼ିପହଣ୍ଡିଥି଼ ଚତୁର୍ଦ୍ଧା ମୂର୍ତି ସ୍ନାନ ବେଦୀକେ ବିଜେ କରିଥି଼ଲେ । ପହେଲା ସୁଦର୍ଶନ ପଛେ ବଳଭଦ୍ର, ଦେବୀ ସୁଭଦ୍ରା ଆର୍ ଶେଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ପହଣ୍ଡି ବିଜେ ନୀତି ହେଇଥି଼ଲା । ପଛେ ମଦନମୋହନ ଆର୍ ରାମକୃଷ୍ଣଙ୍କୁ ମହାଜନ ସେବକ ମାନେ ପହଣ୍ଡି କରେଇଥି଼ଲେ । ସ୍ନାନବେଦୀ ଉପ୍ରେ ଶ୍ରୀଜୀଉଙ୍କର୍ ମଙ୍ଗଳଆଲତୀ ଆଉ ଅଲ୍ଗା ସବୁଦିନିଆ ନୀତି ହେଇଥି଼ବାର୍ ବେଲେ ଅବକାଶ ପୂଜା ହେଇକରି ବେଶ କରାଯାଇଥି଼ଲା । ଇତାର୍ଉତ୍ରୁ ଶହେ ୮ ଗରିଆ ସୁବାଶିତ ପାଏନ୍କେ ଗରାବଡୁ ସେବକମାନେ ସ୍ନାନ ବେଦୀ ଉପ୍ରେ ବିଜେ କରେଇଥି଼ଲେ । ପୂଜାପଣ୍ଡା ସେବକମାନେ ସୁବାଶିତ ପାଏନ୍ ପଂଚୋପଚାର୍ ବିଧି଼ଥି଼ ପୂଜା କର୍ବାର୍ ଉତ୍ରୁ ସେହି ପାଏନ୍ଥି଼ ମହାପ୍ରଭୁଙ୍କୁ ସ୍ନାନ

କରାଯାଇଥିଲା । ଉପର୍‌ବେଲା ୩ ବଜେ ଛେରାପହଁରା ଆର୍ ପଛେ ଶ୍ରୀଜୀଉଙ୍କର୍ ହାତୀବେଶ କରାଯାଇଥିଲା ।

ରାଜ୍ୟର୍ ଭିନ୍ ଭିନ୍ ଜଗନ୍ନାଥ ମନ୍ଦିର୍ ମାନ୍‌କେ ରୀତିନୀତି ଅନ୍‌ସାରେ ଦେବସ୍ନାନ ପୂର୍ଣ୍ଣିମା ପାଲିତ୍ ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର ନ ଚତୁର୍ଦ୍ଧାମୂର୍ତିଙ୍କର୍ ଦିବ୍ୟସ୍ନାନ ପର୍ବ ପାରମ୍ପାରିକ ରୀତିନୀତିଥି ହେଇଯାଇଛେ । ତ୍ରିକୂଟ ପାହାଡ଼ର ଛଳିଆ ଶିଖରର ମନ୍ଦିର୍ ଗମ୍ଭିରାନୁ ଧାଡ଼ି ପହଣ୍ଡିଥି ଦାରୁଦିଅଁମାନ୍‌କୁ ସ୍ନାନମଣ୍ଡପ୍‌କେ ଅନାଯାଇକରି ସ୍ନାନ କରାଯାଇଥିଲା ।

ବୌଦ୍ଧ ସହରର୍ ଶ୍ରୀଜଗନ୍ନାଥ ମନ୍ଦିର୍ ନ ଚୁତର୍ଦ୍ଧାମୂର୍ତି ଗଜାନନ ବେଶଥି ଦର୍ଶନ୍ ଦେଉଛନ୍ । ତିନ୍‌ହି ମାହାପୁରୁଙ୍କୁ ସ୍ନାନ କରାବାର୍ ଲାଗି ବ୍ରାହ୍ମଣ୍ ସମାଜ୍ ତର୍‌ଫୁ ସେବକ୍‌ମାନେ ଗୁଟେ ଶୋଭାଯାତ୍ରାଥି ମହାନଦୀନୁ ଶହେ ୮ ଟା କଲସ୍‌ଥି ପାଏନ୍ ଆନିଥିଲେ । ସେନ୍ତା ଜିଲ୍ଲାର୍ ହର୍‌ଭଙ୍ଗା, ଚାରିଛକ୍, ପୁରୁଣାକଟକ୍ ଆଉ ନାରାୟଣନଗର୍, ଇଲାକା ନ ଦେବସ୍ନାନ ପୂର୍ଣ୍ଣିମା ହେଇଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ଦେବସ୍ନାନ ପୂର୍ଣ୍ଣିମା ହେଇଯାଇଛେ । ପାରମ୍ପାରିକ ରୀତିନୀତି ଅନ୍‌ସାରେ ଶ୍ରୀଜଗନ୍ନାଥ୍, ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ସ୍ନାନ ଉତ୍ସବ୍ ପାଲିତ୍ ହେଇଯାଇଛେ । ଖଡ଼ିଆଲ୍ ନ ଦଧିବାମନ୍, ପତିତପାବନ୍ ଆଉ ବାମନ ରୂପେ ତିନ୍‌ହି ମାହାପୁରୁ ୩ ଟା ସ୍ୱତନ୍ତ୍ର ମନ୍ଦିର୍‌ଥି ପୂଜା ପାଉଛନ୍ । ଇତାର୍‌ଛଡ଼ା ତୁକ୍‌ଲା ଜଗନ୍ନାଥମନ୍ଦିର୍,

ସିନାପାଲିର୍ ଜଗନ୍ନାଥ ମନ୍ଦିର୍ ନ ମହାପୁରୁମାନ୍‌କର୍ ସ୍ନାନନୀତି ହେଇଯାଇଛେ । ଇ ଅବ୍‌ସରେ ଆଏଜ୍ ଦିନ୍‌ସାରା ମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭିଡ଼୍ ହେଇଥିଲା ।

କୋରାପୁଟ୍ ସାବର ଶ୍ରୀକ୍ଷେତ୍ର ନ ଶ୍ରୀଜଗନ୍ନାଥଙ୍କର୍ ସ୍ନାନପୂର୍ଣ୍ଣିମା ପାଲିତ୍ ହେଇଯାଇଛେ । ଜିଲ୍ଲାର୍ ଜୟପୁର୍, ନାରାୟଣ୍‌ପାଟ୍‌ନା ଆଉ କୋଟପାଡ଼୍ ନ ଥିବା ପୁରାତନ୍ ଜଗନ୍ନାଥ ମନ୍ଦିର୍ ନ ଦେବସ୍ନାନ ପୂର୍ଣ୍ଣିମା ହେଇଯାଇଛେ ।

ଦେବସ୍ନାନ ପୂର୍ଣ୍ଣିମା- ଶୁଭେଚ୍ଛା ଆର୍‌ଏନ୍‌ୟୁ/ କଟକ୍

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ସମସ୍ତଙ୍କୁ ଶୁଭକାମନା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ସେ କହିଛନ୍ ଯେ, ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଆଉ ମା ସୁଭଦ୍ରା ସମସ୍ତଙ୍କୁ ପରମ୍ ସୌଭାଗ୍ୟ ଦଉନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ଯେ, ପରମ୍ପରା, ଆଧ୍ୟାତ୍ମ, ସଂସ୍କୃତି ଆଉ ଭକ୍ତିର୍ ସମାଗମ୍‌ଥି ଭରି ରହିଥିବା ଓଡ଼ିଆ ଜାତିର ଆରାଧ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ସ୍ନାନ ଉତ୍ସବ୍ ସମସ୍ତଙ୍କର୍ ଜୀବନ୍‌ଥି ଆନନ୍ଦ ଆଉ ଉଲ୍ଲାସ୍ ଭରିଦେଉ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଦେବସ୍ନାନ ପୂର୍ଣ୍ଣିମା ଅବ୍ସରେ ସମସ୍ତଙ୍କର୍ ଉତମ୍ ସ୍ୱାସ୍ଥ୍ୟ କାମନା କରିଛନ୍ । ଆଘର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଇ ଅବ୍ସରେ ରାଜ୍ୟବାସୀଙ୍କର୍ ସୁଖ, ଶାନ୍ତି ଆଉ ସମୃଦ୍ଧି କାମନା କରିଛନ୍ ।

## ପ୍ରାକ୍‌ବଜେଟ୍ ପରାମର୍ଶ ବୈଠକ୍

ପ୍ରେସ୍ ରିଲିଜ୍/ଆର୍‌ଏନ୍‌ୟୁ ସମ୍ବଲପୁର

ଆଏବା କେନ୍ଦ୍ର ବଜେଟ୍ ୨୦୨୪-୨୫ ଲାଗି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଅର୍ଥମନ୍ତ୍ରୀମାନ୍‌କର୍ ପରାମର୍ଶ ନେବାର୍‌କେ ନୂଆଦିଲ୍ଲୀ ନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧକ୍ଷତାଥି ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ ଇଥି ଯୋଗ୍ ଦେଇକରି ରାଜ୍ୟର୍ ଅର୍ଥନୀତି ଆଉ ବିକାଶ୍ ପ୍ରସଙ୍ଗ ବାବଦ୍ ସ୍ମାରକପତ୍ର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଦେଇଥିଲେ । ହେଲେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକେ ନେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କର୍ ବକ୍ତବ୍ୟ ରଖିଥିଲେ । ସେ ଭିତ୍‌ରେ ଓଡ଼ିଶା ନ ଆନ୍ତର୍ଜାତୀୟ ନିବେଶ୍, ସେମିକଣ୍ଡକ୍ଟର୍ ଶିଳ୍ପକେ ଆକୃଷ୍ଟ କର୍‌ବାର୍ ସହେତେ ଓଡ଼ିଶାକେ ଗୁଟେ ନିବେଶ୍ କେନ୍ଦ୍ର ଭାବେ ଉପଯୁକ୍ତ

ପ୍ରୋତ୍ସାହନ୍ ଆଉ ପାରାଦ୍ୱୀପ୍ ବନ୍ଦର୍‌ର ସମ୍ପ୍ରସାରଣ୍ ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କର୍ ସାହାଜ୍ ବାବ୍‌ଦେ କହିଥିଲେ । ଓଡ଼ିଶାର୍ ସମ୍ବଲ୍‌ପୁର୍ ଠାନେ ୨ ନମ୍ବର୍ ଏମ୍ସ ପ୍ରତିଷ୍ଠା ଲାଗି କେନ୍ଦ୍ର ବଜେଟ୍‌ଥି ଉପଯୁକ୍ତ ବ୍ୟବସ୍ଥା କର୍‌ବାର୍ ଆଉ ଜାତୀୟ ରାଜପଥ, ସୁଭଦ୍ରା ଯୋଜ୍‌ନା ଜରିଏ ମହିଳାମାନ୍‌କର୍ ସଶକ୍ତିକରଣ୍ ଲାଗି କେନ୍ଦ୍ରସର୍‌କାର୍‌ଙ୍କର୍ ଆଂଶିକ ସାହାଜ୍ ଦେବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅନୁରୋଧ୍ କରିଥିଲେ ।

ଏନ୍‌ଟିଏ ଉଚ୍ଚସ୍ତରୀୟ କମିଟି ପି.ଆଇ.ବି.

ଜାତୀୟ ପରୀକ୍ଷା ଆୟୋଜନ ସଂସ୍ଥା- ଏନ୍‌ଟିଏ ଜରିଏ ପାରଦର୍ଶୀ, ସୁଗମ ଆଉ ସ୍ୱଚ୍ଛ ଭାବେ ପରୀକ୍ଷା ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ଶିକ୍ଷାମନ୍ତ୍ରଣାଳୟ ଅଧୀନ୍‌ଥି ଥିବା ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଶେଷଜ୍ଞମାନ୍‌କୁ ନେଇକରି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କରାଯାଇଛେ । ପରୀକ୍ଷା ପ୍ରକ୍ରିୟା ବ୍ୟବସ୍ଥାଥି ସଂସ୍କାର୍, ଡାଟା ସୁରକ୍ଷା ପ୍ରୋଟୋକୋଲ୍‌ଥି ସୁଧାର୍ ଆର୍ ଏନ୍‌ଟିଏର ଢାଂଚା ଆଉ ପରିଚାଲନାଥି ଉନ୍ନତି କର୍‌ବାର୍ ଲାଗି କମିଟି ସୁପାରିଶ୍ କର୍‌ବା । ଇସ୍ରୋର ଆଘର୍ ଅଧ୍ୟକ୍ଷ ଆଉ ଆଇଆଇଟି କାନ୍‌ପୁର୍‌ର ବିଓଜିର ଅଧ୍ୟକ୍ଷଙ୍କର୍ ଅଧ୍ୟକ୍ଷତାଥି ଇ କମିଟି ଗଠନ୍ କରାଯାଇଛେ ।

ୟୁଜିସି ନେଟ୍     ଆର୍ଏନ୍ୟୁ/ କଟକ୍

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍ଟିଏ ତର୍ଫୁ ହେଉଥିବା ସିଏସ୍ଆଇଆର୍ ୟୁଜିସି ନେଟ୍ ପରୀକ୍ଷାକେ ଆଉ ଗୁଟେ ବିଜ୍ଞପ୍ତି ବାହାର୍ବାର୍ତକ୍ ଘୁଚେଇ ଦିଆଯାଇଛେ । ଏନ୍ଟିଏ ତର୍ଫୁ ବାହାରିଥିବା ବିଜ୍ଞପ୍ତି ଥି କେତେଟା ଅନିବାର୍ଯ୍ୟ କାରଣ୍ ଆଉ ପରୀକ୍ଷା କେନ୍ଦ୍ରମାନ୍କେ ଦର୍କାରୀ କାଗଜ୍ ପତର୍ ପୁହୁଁଚି ନାଇପାରିଥିବାର୍ନୁ ପରୀକ୍ଷା ବାତିଲ୍ କରାଯାଇଛେ ବଲି କୁହାଯାଇଛେ । ଇ ପରୀକ୍ଷା ଇ ମାସ ୨୫ ନୁ ୨୭ ତାରିଖ୍ତକ୍ ହେବାର୍ ଥିଲା ।

ମେଟ୍ରିକ୍ ସପ୍ଲିମେଂଟରୀ- ଓଟିଇଟି     ଆର୍ଏନ୍ୟୁ/ କଟକ୍

ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ହେଉଥିବା ଇ ବଛର୍ର ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆଏବା ମାସର୍ ୨୨ ନୁ ୩୧ ତାରିଖ୍ତକ୍ ହେବା । ପରିଷଦ୍ ତର୍ଫୁ ବାହାରିଥିବା ବିଜ୍ଞପ୍ତି ଅନ୍ସାରେ ନିୟମିତ ଆଉ ଆଘର୍ ନିୟମିତ ଛାତ୍ରଛାତ୍ରୀମାନ୍କର୍ ଲାଗି ଗୁଟେ ସିଟିଂଥି ଆଉ ଗୁଟେ ରକ୍ମର୍ ପ୍ରଶ୍ନପତ୍ରଥି ପରୀକ୍ଷା କରାଯିବା । ସଖାଲର୍ ୯

ବଜେନୁ ସାଢ଼େ ୧୧ ବଜେତକ୍ ହେବାର୍କେ ଥିବା ଇ ପରୀକ୍ଷା ଲାଗି କାର୍ଯ୍ୟସୂଚୀ ବାହାରିଛେ । ହେଲେ ଖାଲି ଗଣିତ ପରୀକ୍ଷା ଲାଗି ଅଏତ୍କା ୧୫ ମିନିଟ୍ ସମୟ ଦିଆଯିବା ବଲି ପରିଷଦ୍ ତର୍ଫୁ କୁହାଯାଇଛେ । ସେଆଢ଼େ ଆଏବା ଅଗଷ୍ଟ ୯ ତାରିଖ୍ ଦିନ ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା ଓଟିଇଟି ହେବା । ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ବାହାରିଥିବା ବିଜ୍ଞପ୍ତି ଅନ୍ସାରେ ଇ ପରୀକ୍ଷା ଲାଗି ଆଏବା କାଏଲ୍ନୁ ଜୁଲାଇ ୫ ତାରିଖ୍ତକ୍ ଅନ୍ଲାଇନ୍ ଜରିଏ ଆବେଦନ୍ କରିପାର୍ବେ । ପରିଷଦ୍ର ୱେବ୍ସାଇଟ୍ଥି ଦିଆଯାଇଥିବା ଲିଙ୍କ୍ ଜରିଏ ଆବେଦନ୍ କରାଯାଇଥିଲା । ଦେୟ ଦାଖଲ୍ର ଚୂଡ଼ାନ୍ତ ସମୟସୀମା ଆଏବା ମାସ ୬ ତାରିଖ୍କେ ଧାରିଜ୍ କରାଯାଇଛେ । ଅଗଷ୍ଟ ୨ ତାରିଖ୍ ଦିନ ଅନ୍ଲାଇନ୍ ଜରିଏ ପରୀକ୍ଷାର୍ଥୀଙ୍କୁ ଏଡ଼ମିଟ୍କାର୍ଡ଼ ଦିଆଯିବା ବଲି ପରିଷଦ୍ ତର୍ଫୁ କୁହାଯାଇଛେ ।

ରକ୍ତହୀନତା ନିରାକରଣ୍ ଆର୍ଏନ୍ୟୁ/ କଟକ୍

ରାଏଜେ ରକ୍ତଶିକୁଳି ଲାଗି ରକ୍ତହୀନତା ନିରାକରଣ୍ ସଚେତନତା ଅଭିଯାନ୍ ଚାଲିଛେ । ଇଟା ଆଏବା ୩ ତାରିଖ୍ତକ୍ ଚାଲ୍ବା । ଇଥି ଭିନ୍ ଭିନ୍ ଜିଲ୍ଲା ନ ରକ୍ତଶିକୁଳି ରୋଗର

ନିରାକରଣ୍ ଲାଗି ବ୍ୟାପକ୍ ପ୍ରଚାର୍ ପ୍ରସାର୍ କର୍ବାର୍ ଉପ୍ରେ ଜୋର୍ ଦିଆଯାଉଛେ । ୨୦୪୭ ମସିହାତକ୍ ରକ୍ତଶିକୁଲି ରୋଗର ପୁରାପୁରି ନିରାକରଣ୍ ଲାଗି ସର୍କାର୍ ଲକ୍ଷ୍ୟ ରଖିଛନ୍ ।
(ପ୍ରୋମୋ)

ବୌଦ୍ଧ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ସମ୍ଭାବ୍ୟ ପ୍ରାକୃତିକ ବପର୍ଯ୍ୟୟର୍ ମୁକାବିଲା ଲାଗି ଜିଲ୍ଲାପାଲ୍ ଜେ. ସୋନାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆଉ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇକରି ବନ୍ୟା ସମିଆଥି ପ୍ରଶାସନ୍ ତତ୍ପର୍ ହେଇକରି ପଦକ୍ଷେପ୍ ନେବାର୍‌କେ ପରାମର୍ଶ ଦେଇଥିଲେ । ଜିଲ୍ଲାପାଲ୍ ଭିନ୍ ଭିନ୍ ବିଭାଗ୍ ତର୍ଫୁ ହେଇଥିବା ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କର୍ବାର୍ ସହେତେ ସବୁ ବିଭାଗ୍‌କେ ସତର୍କ ରହେବାର୍‌କେ ପରାମର୍ଶ ଦେଇଛନ୍ ।

ସମ୍ବଲ୍‌ପୁର୍ ଜଣ୍ଡିସ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ୱଲ୍‌ପୁର୍ ସହରେ ଗଲା ରାତିତକ୍ ଜଣ୍ଡିସ୍ ଆକ୍ରାନ୍ତମାନ୍‌କର୍ ସଂଖ୍ୟା ୬୮ କେ ପୁହୁଁଚିଥିବାର୍ ବେଲେ ଆଏଜ୍ ଆଉ କେନ୍‌ସି ନୂଆଁ ଆକ୍ରାନ୍ତ ଚିହ୍ନଟ୍ ନାଇଁ ହେଇ ବଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ । ସହରର୍ ସାଲିଆବଗିଚା, ପେନ୍‌ସନ୍‌ପଡ଼ା, କୁମ୍ଭାର୍‌ପଡ଼ା ସହେତେ ପାଖେ ଥିବା ପଡ଼ା ମାନ୍‌କର୍ ଉପ୍‌ରେ ପ୍ରଶାସନ୍ ସତର୍କ ନଜର୍ ରଖିଛେ ।

୨ ଶ୍ରମିକ୍‌ଙ୍କର୍ ମୃତ୍ୟୁ       ସୁବର୍ଣ୍ଣପୁର୍ ସମ୍ୱାଦଦାତା

ସୁବର୍ଣ୍ଣପୁର୍ ସହରର୍ ଗ୍ରୀଡ୍ କଲୋନୀ ନ କାନ୍ଥି ଧସ୍‌କିକରି ୨ ଝନ୍ ଶ୍ରମିକଙ୍କର୍ ଜୀବନ୍ ଯାଇଛେ । ମୃତକ୍ ୨ ଝନ୍ ଯାକ ଶ୍ରମିକ ପତି ପତ୍ନୀ ହେଇଥିବାର୍ ବେଲେ ସେମାନେ ସୁବଳୟା ଥାନା ଅଧୀନ୍‌ଥି ଥିବା ରାଧାପୁର୍ ଗାଁର୍ ବଲି ଜନାପଡ଼ିଛେ । କାନ୍ଥି ତଲେ ନାହି କୁଡୁଥିବାର୍ ବେଲେ ଇ ଦୁର୍ଘଟଣା ଘଟିଥିଲା । ଘଟ୍‌ନା ବାବ୍‌ଦେ ଖବର୍ ପାଇକରି ଦମ୍‌କଲ୍‌ବାହିନୀ ଆର୍ ଆମ୍ବୁଲେନ୍ସ ସେ ଜାଗାକେ ପୁହୁଁଚିକରି ଦୁହିଝନ୍‌କୁ ଉଦ୍ଧାର୍ କରିକରି ମୁଖ୍ୟ ଡାକ୍ତର୍‌ଖାନାକେ ନେଇଥିଲେ । ଆର୍ ସେନ ଡାକ୍ତର୍ ତାଙ୍କୁ ମୃତ ଘୋଷ୍‌ନା କରିଥିଲେ ।

କଲାହାଣ୍ଡି- ଶିଶୁଶ୍ରମିକ ସଚେତନତା       କଲାହାଣ୍ଡି ସମ୍ୱାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ନ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶ୍ରମବିଭାଗ୍ ତରଫୁ ଶିଶୁ ଶ୍ରମିକ୍‌ମାନ୍‌କ ନିରାକରଣ୍ ବାବ୍‌ଦେ ଗୁଟେ ସଚେତନ୍‌ତା ଶୋଭାଯାତ୍ରା ସହର୍ ପରିକ୍ରମା କରିଥିଲା । ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ପତାକା ଦେଖେଇକରି ଶୋଭାଯାତ୍ରାର୍ ଶୁଭାରମ୍ଭ କରିଥିଲେ । ଇଥି ଜିଲ୍ଲା ଶ୍ରମ ବିଭାଗ୍‌ର କର୍ମଚାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ଆଉ ଛାତ୍ରଛାତ୍ରୀମାନେ ଭାଗ୍ ନେଇକରି ଶିଶୁ ଶ୍ରମିକ୍‌ମାନ୍‌କୁ କାମ୍‌ଥି ନାଇଁ ଲଗାବାର୍ ଲାଗି ହୋଟେଲ୍ ଆର୍ ଗେରେଜ୍‌ମାଲିକ୍‌ମାନ୍‌କୁ ସଚେତନ୍ କରେଇଥିଲେ ।